# ମୁକ୍ତିର ମହାକବି ଭୀମଭୋଇ

ଡକ୍ଟର ହୁସେନ ରବିଗାନ୍ଧୀ

ସଂପ୍ରତି ''ଆଧୁନିକ ଓଡ଼ିଆ କାବ୍ୟଧାରାର ପ୍ରବର୍ତ୍ତକ କ'ଣ ରାୟବାହାଦୂର ରାଧାନାଥ ରାୟ କି ?'' ଉପରେ ବିତର୍କ ଆରମ୍ଭ ହୋଇଯାଇଛି । ସ୍ୱାଧୀନତା ପୂର୍ବରୁ କିଛି ଅଧ୍ୟାପକ ଓ ଇଂରେଜ ଭକ୍ତ ଲେଖକ ରାଧାନାଥ ରାୟଙ୍କୁ ଆଧୁନିକ ଓଡ଼ିଆ କାବ୍ୟଧାରାର ଆଦ୍ୟ ପ୍ରବର୍ତ୍ତକ ଭାବେ ଗ୍ରହଣ କରି ଅନେକ ପୁସ୍ତକ ଓ ଅନେକ ଆଲେଖ୍ୟ ରଚନା କରି ପ୍ରକାଶିତ କରିଥିଲେ । ସ୍ୱାଧୀନତା ପରେ ମଧ୍ୟ ଆମ ସାହିତ୍ୟର ସଂଖ୍ୟାଧିକ ଆଲୋଚକ ଏହି ଧାରାଟିକୁ ସମର୍ଥନ କରି ଆସିଲେ । ସତ କହିବାକୁ ଗଲେ, ଆମ ସାହିତ୍ୟରେ ଅଧିକାଂଶ ଆଲୋଚକ ''ଆଧୁନିକତା କାହାକୁ କୁହାଯାଏ'', ସେ ସମ୍ପର୍କରେ ବିଶେଷ ଧାରଣା ରଖନ୍ତି ନାହିଁ । ସମାଜର ଆର୍ଥିକ ବିଭକ୍ତିକରଣର ପ୍ରଭାବ ଯେ ସାହିତ୍ୟରେ ଦେଖିବାକୁ ମିଳିଥାଏ, ତାକୁ ଅଧିକାଂଶ ଆଲୋଚକ ସ୍ୱୀକାର କରନ୍ତି ନାହିଁ । କାରଣ, ସମାଜର ଶ୍ରେଣୀ ବିଭାଗକୁ ଏହି ତଥାକଥିତ ବୁଦ୍ଧିଜୀବୀ ଏବଂ ଆଲୋଚକମାନେ ଦେଖି କରି ମଧ୍ୟ ଅଦେଖା କରିଥାନ୍ତି । ଏହି ବୁଦ୍ଧିଜୀବୀ ଓ ମସୀଧାରୀମାନେ ସମାଜର ଉଚ୍ଚବର୍ଗ (ଯଥା ଉଚ୍ଚବର୍ଣ୍ଣ ବା ସଂଭ୍ରାନ୍ତଶ୍ରେଣୀ)ର ପ୍ରତିନିଧିତ୍ୱ କରନ୍ତି । ଆଧୁନିକତାର ଅର୍ଥ ହେଉଛି, ସମାଜରେ ପ୍ରଚଳିତ କୁବିଶ୍ୱାସକୁ ମୂଲ୍ୟବୋଧ, ସାମାଜିକ ଭେଦାଭେଦ, ଅସାମ୍ୟ ବା ଅନୈକ୍ୟ ବିରୁଦ୍ଧରେ ସ୍ୱର ଉଠାଇ ନିଜ ଲେଖନୀରେ ତାକୁ ଚିତ୍ରଣ କରିବା, ତାକୁ ପ୍ରତିବାଦ ଓ ପ୍ରତିରୋଧ କରିବା, ଲୋକସାଧାରଣଙ୍କୁ ଅସାମ୍ୟ ଅନୈକ୍ୟ ବିରୁଦ୍ଧରେ ସଙ୍ଗଠିତ ହେବାକୁ ନିଜ ଲେଖନୀ ମାଧ୍ୟମରେ ଆହ୍ୱାନ ଜଣାଇବା । ଆମ କଥା ସାହିତ୍ୟର ଜନକ ଫକୀର ମୋହନ ହିଁ ଥିଲେ ଓଡ଼ିଶାର ସାମାଜିକ ଦୁର୍ବଳ ବର୍ଗର ଅନନ୍ୟ ପ୍ରତିନିଧି । ତାଙ୍କ ଉପନ୍ୟାସ ''ଛ'ମାଣ ଆଠଗୁଣ୍ଠ''ର ଦୁଇ ପ୍ରମୁଖ ଚରିତ୍ର–ସାରିଆ ଓ ଭଗିଆ, ଓଡ଼ିଶାର ଶ୍ରେଣୀ ବିଭକ୍ତ ତଥା ଜାତି ବିଭକ୍ତ ସମାଜରେ ଦରିଦ୍ର, ଶୁଦ୍ର ସଂପ୍ରଦାୟର ନିଚ୍ଛକ ପ୍ରତିନିଧିତ୍ୱ କରନ୍ତି । ''ଲଛମା'' ଉପନ୍ୟାସରେ ମରହଟ୍ଟା ବର୍ଗୀମାନଙ୍କର ମୁକାବିଲା କରିବାକୁ କୌଣସି ସଂଭ୍ରାନ୍ତ ରାଜା ବା ସାମନ୍ତ ଆସିନାହାନ୍ତି । ସାମାନ୍ୟ ଚାଷୀ (ଖଣ୍ଡାୟତ) ସଂପ୍ରଦାୟରୁ ଆସିଥିବା ଚରିତ୍ର ହିଁ ଏହି ସାହସ କରିଛି ଏବଂ ସଫଳ ହୋଇଛି । '' ରାଣ୍ଡିପୁଅ ଅନନ୍ତା'' ଗଳ୍ପର ନାୟକ ଉଦ୍ଦଣ୍ଡ ଗଉଡ ଟୋକା ଅନନ୍ତା ସାରା ଗାଁକୁ ବନ୍ୟାର କରାଳ କବଳରୁ ରକ୍ଷା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛି । ଫକୀର ମୋହନ କେଉଁଠାରେ ବି ରାଜା, ରାଣୀ, ଜମିଦାର, ସଂଭ୍ରାନ୍ତ ଅଥବା ଉଚ୍ଚବର୍ଣ୍ଣଙ୍କର ମୁଖପାତ୍ର ସାଜି ନାହାନ୍ତି । ଅଥଚ ଏଇ କଥା ଆମେ ରାୟବାହାଦୂର ରାଧାନାଥ ରାୟଙ୍କ କାବ୍ୟ–କବିତାରେ ଦେଖିବାକୁ ପାଉନା । ''ଦରବାର'' କାବ୍ୟ ବ୍ୟତୀତ ଅନ୍ୟତ୍ର ତାଙ୍କ ସାହିତ୍ୟ ସଂଭ୍ରାନ୍ତ ଶ୍ରେଣୀର ହିଁ ସପକ୍ଷରେ ରଚିତ ହେବାପରି ଲାଗୁଛି । ''ମହାଯାତ୍ରା''(ଅସଂପୂର୍ଣ୍ଣ ଖଣ୍ଡକାବ୍ୟ)ରେ ସେ ଜାତୀୟତାର କିଛିଟା ଆଭାଷ ଦେବାକୁ ଚେଷ୍ଟା କରିଥିଲେ ବି ଉକ୍ତ ଜାତୀୟତା ଆଭିଜାତ୍ୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଥିଲା । ଫକୀର ମୋହନଙ୍କ ପରି ସେ ନିଃଷ୍ପେସିତ ଶ୍ରେଣୀ ପାଇଁ କିଛି ବି ଲେଖି ନାହାନ୍ତି । କବି ହରପ୍ରସାଦ ଦାସ ତେଣୁ ଯଥାର୍ଥରେ ରାୟବାହାଦୂର ରାଧାନାଥ ରାୟଙ୍କୁ ମଧ୍ୟଯୁଗୀୟ ରୀତିକାଳୀନ କାବ୍ୟଧାରାର ଶେଷ କାବ୍ୟକାର ବୋଲି ତାଙ୍କର 'ଓଡ଼ିଆ ଜାତିର ଇତିବୃତ୍ତି' ଧାରାବାହିକ ପ୍ରବନ୍ଧମାନଙ୍କରେ ଠାଏ ମତପ୍ରକାଶ କରିଛନ୍ତି । ମଧ୍ୟଯୁଗୀୟ ରୀତିକାଳ ହେଉଛି ସାମନ୍ତବାଦୀ ଓ ପ୍ରତିକ୍ରିୟାଶୀଳ ସ୍ଥିତାବସ୍ଥା, ବର୍ଣ୍ଣ ବ୍ୟବସ୍ଥାବାଦୀ ସାମାଜିକ ବ୍ୟବସ୍ଥାର ପ୍ରତିଛବି । ଏହି ଛବିରୁ ରାୟବାହାଦୂର ରାଧାନାଥ ଊର୍ଦ୍ଧ୍ୱକୁ ଯାଇପାରିନାହାନ୍ତି । ତେଣୁ ରାଧାନାଥ ଆଧୁନିକ କାବ୍ୟଧାରାର ପ୍ରବର୍ତ୍ତକ ନୁହନ୍ତି ବୋଲି ସାଂପ୍ରତିକ ପ୍ରଗତିବାଦୀ କାବ୍ୟ ଚେତନା ସମ୍ପୂର୍ଣ୍ଣ ଆଲୋଚକମାନେ

ଏକମତ । ଅବଶ୍ୟ ଏହାକୁ ଉଚ୍ଚବର୍ଣ୍ଣର ପ୍ରତିକ୍ରିୟାଶୀଳ ଆଲୋଚକମାନେ ଖଣ୍ଡନ କରିଥାନ୍ତି ଓ ବ୍ରିଟିଶ ସରକାରଙ୍କ ସପକ୍ଷବାଦୀ ରାଧାନାଥଙ୍କୁ ଆଧୁନିକ କାବ୍ୟକଳାର ଆଦ୍ୟ ପ୍ରବର୍ତ୍ତକ ବୋଲି ଏବେ ବି ମନେ କରନ୍ତି ।

ଏଠାରେ ବିଚାର କରିବାର କଥା ହେଉଛି ଯେ, ଆଧୁନିକତାର ଅର୍ଥ କ'ଣ ?

ଆଧୁନିକତାର ଅର୍ଥ କହିଲେ ପ୍ରଗତିଶୀଳ ଆଲୋଚକମାନେ ଯାହା କହନ୍ତି ସ୍ଥିତାବସ୍ଥାର ସମର୍ଥକମାନେ ସେଥିରେ ଏକମତ ହୁଅନ୍ତି ନାହିଁ । ହଜାର ହଜାର ବର୍ଷ ପୁରାତନ ଉଚ୍ଚ, ନୀଚ, ସଂଭ୍ରାନ୍ତ, ଦରିଦ୍ର, ସ୍ପୃଶ୍ୟ, ଅସ୍ପୃଶ୍ୟ ସମାଜ ବ୍ୟବସ୍ଥାକୁ ସବୁଦିନ ପାଇଁ କାଏମ୍ ରଖିବାକୁ ସମର୍ଥନ କରୁଥିବା ବୁଦ୍ଧିଜୀବୀଙ୍କ ସହିତ ଯେଉଁମାନେ ଏକମତ ହୋଇପାରନ୍ତି ନାହିଁ, ସେମାନେ ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ପାଇଁ ଖାଲି ବିଚାର ଉପସ୍ଥାପିତ କରନ୍ତି ନାହିଁ, ବରଂ ସେଥିପାଇଁ ସକ୍ରିୟ ଭାବେ କାର୍ଯ୍ୟ ମଧ କରିଥାନ୍ତି ।

ଆଧୁନିକତା ହେଉଛି, ଶୋଷଣ ବିହୀନ, ଜାତିବିହୀନ, ସାମନ୍ତବାଦୀ-ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥା ଭିତରେ ନିକ୍ଷେସିତ ଅବସ୍ଥାରେ ଥିବା ଶୋଷିତ, ଦଳିତ, ଅବହେଳିତ ମଣିଷ ପାଇଁ ମୁଖପାତ୍ର ରୂପେ କାର୍ଯ୍ୟ କରୁଥିବା ସମୟ ଏବଂ ଏହି ସମୟରୁ ସୃଷ୍ଟି ସାହିତ୍ୟ, କଳା, ରାଜନୀତି ଓ ସାମାଜିକ ବ୍ୟବସ୍ଥା । ଆଧୁନିକ ବିଚାରର ପରିପ୍ରକାଶ ହେଉଛି ଗତାନୁଗତିକତାକୁ ପରିହାର କରି ପରିବର୍ତ୍ତନ ସପକ୍ଷରେ ଏକ କ୍ରାନ୍ତିକାରୀ ଭୂମିକା ନିର୍ବାହ କରିବା ।

ଓଡ଼ିଆ ସାହିତ୍ୟର ଘୋର ସାମନ୍ତବାଦୀ, ଜାତିଆଣବାଦୀ ପର୍ଯ୍ୟାୟ ଭିତରେ ଜଗନ୍ନାଥ ଦାସ, ବଳରାମ ଦାସ ଓ ଅଚ୍ୟୁତାନନ୍ଦ ଥିଲେ ଅନେକ ପରିମାଣରେ ସଂସ୍କାରଧର୍ମୀ ଏବଂ ଗତାନୁଗତିକଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ । ସେମାନେ ବର୍ଣ୍ଣବ୍ୟବସ୍ଥା ବିରୁଦ୍ଧରେ କାର୍ଯ୍ୟ କରିଥିଲେ ନିଜର ସାରସ୍ୱତ ସୃଷ୍ଟି ମାଧ୍ୟମରେ । ଏପରିକି ମଧ୍ୟଯୁଗୀୟ ପୁରୋହିତବାଦ ଓ ସାମନ୍ତବାଦ ସହ ସେମାନଙ୍କ ସାହିତ୍ୟ ସାଲିସ୍ କରିନାହିଁ ।

ତା'ପରେ ମଧ୍ୟଯୁଗୀୟ ରୀତିକାଳରେ ଏହି ନୀରବ ପ୍ରତିରୋଧର ସ୍ୱର ପ୍ରତିବାଦରେ ପରିଣତ ହୋଇଥିଲା ଏବଂ କବି ଦୀନକୃଷ୍ଣ ସାମନ୍ତବାଦ ବିରୁଦ୍ଧରେ କ୍ରାନ୍ତିକାରୀ, ଐତିହାସିକ ପରିଭାଷା ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ଦୀନକୃଷ୍ଣ ଦାସଙ୍କର ସେହି କ୍ରାନ୍ତିକାରୀ ଉଚ୍ଚାରଣ: ''କବି ଯା'କରେ ମୂର୍ଖକୁ ସ୍ତୁତି/ଏଥିକୁ ପ୍ରତି ନାହିଁ ବିପତ୍ତି/ଏଥିକି ପ୍ରତିକୁ ଛାତିରେ କାତି ମାରିବା ଭଲ ଯେ...'' । ଆମ ଭାଷା ସାହିତ୍ୟରେ ସାମନ୍ତବାଦ/ ଉଚ୍ଚବର୍ଣ୍ଣବାଦ ବିରୁଦ୍ଧରେ ପ୍ରଥମ ବୈପ୍ଳବିକ ଆଲେଖ୍ୟ ।

କବି ଦୀନକୃଷ୍ଣଙ୍କ ଠାରୁ ରାଧାନାଥ ରାୟଙ୍କ କାଳ ଭିତରେ ପ୍ରାୟ ୨୫୦ରୁ ଅଧିକ ବର୍ଷର ସମୟ ବିତି ଯାଇଛି । ସାମନ୍ତବାଦକୁ କବଳିତ କରିଛି ସାମ୍ରାଜ୍ୟବାଦ । ସାମ୍ରାଜ୍ୟବାଦ ଆସିଛି ଆର୍ଥିକ ଶୋଷଣ ଓ ରାଜନୈତିକ ପରାଧୀନତା ସହିତ ସମସ୍ତ ଅବକ୍ଷୟ ତଥା ସ୍ଖଳନକୁ ନିଜ ଭିତରେ ଦୃଢ଼ ଭାବେ ଜାବୁଡ଼ି ଧରି ଶୋଷଣ ଓ ଉତ୍ପୀଡ଼ନ ପାଇଁ ସ୍ଥାନୀୟ ରାଜା, ଜମିଦାର, ସାମନ୍ତ, ସାହୁକାର ତଥା ସଂଭ୍ରାନ୍ତମାନଙ୍କର ଏକ ପାପ-ଚକ୍ର ସୃଷ୍ଟି କରାଇ, ସଂଖ୍ୟାଧିକ ମେହନତୀ ପ୍ରଜାଙ୍କ ସର୍ବସ୍ୱ ଅପହରଣ କରି ନିଜର ନିହିତ ସ୍ୱାର୍ଥ ଓ ଆର୍ଥିକ ମୁନାଫାକୁ କାଏମ୍ ରଖିବା ପାଇଁ ଏହି ସାମ୍ରାଜ୍ୟବାଦୀ ଶକ୍ତି ସବୁବେଳେ ଉଦ୍ୟମ କରିଛି । ଏହି ପାପ-ଚକ୍ରର କୁପରିଣାମ ସଦୃଶ ଉଚ୍ଚଶ୍ରେଣୀର ଲୋକଙ୍କ ଭିତରେ ନୈତିକତାର ସ୍ଖଳନ, ମାନବବାଦୀ ସଂସ୍କୃତିର ଅବକ୍ଷୟ ଓ ସମାଜରେ ସମାନତାର ବିଲୋପ ଘଟିଛି । ଏହି ସାମାଜିକ ବ୍ୟବସ୍ଥା ଭିତରେ ସବୁଠାରୁ ଅଧିକ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଛି ଆମ ସମାଜର ଦଳିତ (ଅସ୍ପୃଶ୍ୟ) ଏବଂ ବଣ-ପର୍ବତ କୋଳରେ ପ୍ରତିପାଳିତ ପ୍ରକୃତିର ସନ୍ତାନ ଆଦିବାସୀ ସଂପ୍ରଦାୟ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ରାୟବାହାଦୂର ରାଧାନାଥ ଇଂରେଜମାନଙ୍କ ସାମ୍ରାଜ୍ୟବାଦୀ ସରକାର ଅଧୀନରେ ଏକ ଉଚ୍ଚପଦବୀରେ ଆସୀନ ଥିଲେ, ସେତେବେଳେ ଉପକୂଳବର୍ତ୍ତୀ ଓଡ଼ିଶା ଠାରୁ ବହୁଦୂରରେ ପ୍ରାକୃତିକ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଘୋର ବଣ-ଜଙ୍ଗଲ ପରିପୂର୍ଣ୍ଣ ଇଲାକାର ଏକ ସ୍ୱୈରାଚାରୀ ଓ ଅତ୍ୟାଚାରୀ ରାଜତନ୍ତ୍ର ଦ୍ୱାରା ଶାସିତ ଛୋଟ ଗୋଟିଏ ଅନଗ୍ରସର, ଅନ୍ଧକାରମୟ ଗଡଜାତ ରାଜ୍ୟ ରେଢ଼ାଖୋଲ ଅଞ୍ଚଳରେ ଗୋଟିଏ କନ୍ଧଯୁବକ ଗାଈ, ମଇଁଷି ଚରାଉ ଚରାଉ ବନବାସୀ ଓ ଦଳିତଙ୍କର ପ୍ରାଣକର୍ତ୍ତାରେ ରୂପାନ୍ତରିତ ହୋଇଯାଇଥିଲେ । ସେ କନ୍ଧ ଯୁବକ ମହାନ ବିପ୍ଳବୀ କବି ଭୀମ ଭୋଇ ହିଁ ଥିଲେ ।

ଭୀମ ଭୋଇ ୧୮୪୨ ସାଲରେ ରେଢ଼ାଖୋଲ ରାଜ୍ୟରେ ଆବିର୍ଭାବ ହୋଇଥିଲେ ଏବଂ ସୋନପୁର ଗଡଜାତ (ବର୍ତ୍ତମାନର ସୁବର୍ଣ୍ଣପୁର ଜିଲ୍ଲା) ଅନ୍ତର୍ଗତ ଖଲିଆପାଲୀ ଗ୍ରାମରେ ୧୮୯୫ ସାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । କେବଳ ରେଢ଼ାଖୋଲର ବନବାସୀ ବା ଦଳିତମାନଙ୍କ ପାଇଁ ସେ ମୁକ୍ତିର

ଖଞ୍ଜଣି ବଜାଇ ନଥିଲେ, ସେ ସମଗ୍ର ମାନବଜାତି ମଧ୍ୟରେ ଥିବା ସମସ୍ତ ଦଳିତ, ନିଷ୍ପେସିତ, ଅତ୍ୟାଚାରିତ, ଆର୍ତ୍ତ ପ୍ରାଣୀଙ୍କ ଅପ୍ରମିତ ଦୁଃଖ, କଷ୍ଟ ଲାଘବ କରିବା ପାଇଁ ନୂଆ ଚିନ୍ତନ, ନୂଆ ଦର୍ଶନର ବ୍ୟାଖ୍ୟାକାର ଭାବେ ଆତ୍ମପ୍ରକାଶ କରିଥିଲେ । ମହାମନୀଷୀ ମହିମା ଗୋସେଇଁଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ କିଶୋର ଭୀମ ଦଳିତ ବନବାସୀ ଓ ସକଳ ଆର୍ତ୍ତଜନଙ୍କର ତ୍ରାପରେ ରୂପାନ୍ତରିତ ହେଲେ । ସେ ତତ୍କାଳୀନ ସମାଜର ଉଚ୍ଚ,ନୀଚ, ଧନୀ, ଦରିଦ୍ର ଏବଂ ସର୍ବୋପରି ରାଜତନ୍ତ୍ରକୁ ପ୍ରତ୍ୟାଖ୍ୟାନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ । ପୁରୋହିତବାଦ, ମୂର୍ତ୍ତିପୂଜା, ପ୍ରଚଳିତ ଧର୍ମଧାରଣା ଇତ୍ୟାଦିକୁ ଅସ୍ୱୀକାର କଲେ । ମାନବଜାତିର ଐକ୍ୟକୁ ପ୍ରତିଷ୍ଠା କରିବା ପାଇଁ ମାନବିକ ସାମ୍ୟଭାବର ଉଦ୍‌ଘୋଷଣା କଲେ ଏବଂ ଏହି କ୍ରାନ୍ତିକାରୀ କାର୍ଯ୍ୟ ପାଇଁ ସେ କାବ୍ୟ-କବିତାକୁ ମାଧ୍ୟମ କରି ଆମ ଭାଷା-ସାହିତ୍ୟରେ ଆଧୁନିକତାର ଆଦ୍ୟ ପ୍ରବର୍ତ୍ତକ-ଅର୍ଥାତ୍ ସାଧାରଣ ମଣିଷର ଭାଷ୍ୟକାର ଭାବରେ ପୂଜନୀୟ ତଥା ଅବିସ୍ମରଣୀୟ ସାରସ୍ୱତ ସ୍ରଷ୍ଟା ହୋଇଗଲେ । ସେ ବ୍ରାହ୍ମଣବାଦ ଓ ରାଜତନ୍ତ୍ରକୁ ଅସ୍ୱୀକାର ଏହି ବୃତ୍ତିସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଘରେ ଭୋଜନ ନକରିବା ପାଇଁ ଲୋକମାନଙ୍କୁ କହି ଗଲେ ।

ଏହି ସମୟଠାରୁ ଶହ ଶହ ବର୍ଷ ପୂର୍ବରୁ ସେ ଜନ୍ମଗ୍ରହଣ କରିଥିଲେ । ସେଇଥିପାଇଁ ତ ସେ ଉଦାତ୍ତ କଣ୍ଠରେ ଘୋଷଣା କଲେ- ''ରାଜାର ପରଜା ନୋହୁଁ ସିନା ଆମ୍ଭେ/ନୋହୁଁ ସାହୁର ଖାତକ/ଯହିଁ ଗୁରୁନେବେ, ତହୁଁ ଯାଉ ଆମ୍ଭେ/କେ ଅବା କରୁ ଅଟକ'' (ସ୍ତୁତି ଚିନ୍ତାମଣି, ଚଉଷଠି ବୋଲି) ।

ଆମ ସମୟର ଜଣେ ସଂଭ୍ରାନ୍ତ ଶ୍ରେଣୀର ଖୋଲା ସମର୍ଥକ ଓ ଅନୁଦାରବାଦୀ ଆଲୋଚକ/ସ୍ରଷ୍ଟା କବି ଡକ୍ଟର ମାୟାଧର ମାନସିଂହ ଭୀମଭୋଇଙ୍କୁ ଆଦିବାସୀଙ୍କ କବି ବୋଲି ନିଜର ଓଡ଼ିଆ ଭାଷାର ଇତିହାସରେ ଲେଖିଲେ: ହେଲେ କିଛି ଯାଏ ଆସେନା, କାରଣ ଭୀମ ଭୋଇ ଯଦି ଆଦିବାସୀ କବି, ତେବେ ମାନସିଂହ ରକ୍ଷଣଶୀଳ, ଶୋଷକ, ସାମନ୍ତବାଦୀ ଶ୍ରେଣୀର କବି ନିଶ୍ଚୟ ? ହେଲେ ଏହି କନ୍ଧ ଆଦିବାସୀ ଭୀମ ଭୋଇ ସକଳ ମାନବଜାତି ମଧ୍ୟରେ ଥିବା ସବୁ ଦଳିତ ଓ ନିଷ୍ପେସିତଙ୍କ ମୁକ୍ତି ବାର୍ତ୍ତା ଘୋଷଣା କରି ନିଜେ ନର୍କକୁ (ଅର୍ଥାତ୍ ଯନ୍ତ୍ରଣାର ଚରମ ସ୍ଥିତିକୁ) ଯିବା ପାଇଁ ପ୍ରସ୍ତୁତ ହୋଇଗଲେ । କାହିଁ କୌଣସି ରାୟବାହାଦୂରଙ୍କ କଲମରୁ ମାନବ ଜାତିର ପରିତ୍ରାଣ ପାଇଁ ଏପରି ଆଲେଖ୍ୟ କେଉଁଠାରେ ତ ଆମର ଦୃଷ୍ଟି ଗୋଚର ହେଲା ନାହିଁ ?

ଅବଶ୍ୟ ଜଣେ ଅଧେ ଭକ୍ତ କବିମାନେ ମହାରାଣୀ ଭିକ୍ଟୋରିଆମାନଙ୍କ ଜୟଗାନର କବିତା ଲେଖି ଅମର ହେଲେତ ରାୟବାହାଦୂରମାନେ ରାଜା, ମହାରାଜାଙ୍କୁ ନିଜ କାବ୍ୟ-କବିତା ପୁସ୍ତକ ଉତ୍ସର୍ଗ କରି ଆର୍ଥିକ ତଥା ସାମାଜିକ ସୁବିଧା ହାସଲ ପାଇଁ ତତ୍ପର ହେଲେ । ଏବେ ଯେପରି କିଛି ସଂଭ୍ରାନ୍ତ ସ୍ରଷ୍ଟା କେନ୍ଦ୍ର ବା ରାଜ୍ୟ ଏକାଡେମୀମାନଙ୍କ ପୁରସ୍କାର ପାଇବା ପାଇଁ କୌଣସି କୌଣସି ସାରସ୍ୱତ ସାମ୍ମୁଖ୍ୟ ବା କୌଣସି ସମ୍ବାଦପତ୍ରର ଜାତିଆଣବାଦୀ, ସାଂପ୍ରଦାୟିକବାଦୀ ସଂପାଦକମାନଙ୍କୁ କିମ୍ବା ସେମାନଙ୍କ ପିତା/ଶ୍ୱଶୁରମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରତିଯୋଗିତା କରୁଛନ୍ତି, ଭୀମ ଭୋଇଙ୍କ ସମୟରେ (ଅର୍ଥାତ୍ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ) ଆଜିର ଏଇ ତୋଷାମଦକାରୀ ପରମ୍ପରାର ମୂଳଦୁଆ ସ୍ଥାପନ କରାଯାଇଥିଲା ସାମ୍ରାଜ୍ୟବାଦୀ-ସାମନ୍ତବାଦୀ-ଜାତିଆଣବାଦୀ ସମାଜ ବ୍ୟବସ୍ଥା ଭିତରେ ।

କ୍ରାନ୍ତି ଦ୍ରଷ୍ଟା, ମହାନ୍ ସ୍ରଷ୍ଟା ଭୀମ ଭୋଇ ସେଇଥିପାଇଁ ନିଜ ସମୟଠାରୁ ଯଥେଷ୍ଟ ପୂର୍ବରୁ  ଜନ୍ମ ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ରେଢାଖୋଲ ରାଜାଙ୍କ ଉଆସ ସାମ୍ନାରେ ବ୍ରାହ୍ମଣମାନଙ୍କ ପ୍ରରୋଚନାକ୍ରମେ ରାଜାଙ୍କ ଆଦେଶରେ ପ୍ରଚଣ୍ଡ ଗ୍ରୀଷ୍ମର ମଧ୍ୟାହ୍ନରେ ହରିକାଠରେ ବନ୍ଧା ଯାଇ ବେତ୍ରାଘାତ କରାଯାଇଥିଲା ମୂର୍ତ୍ତିପୂଜାକୁ ନିନ୍ଦା କରୁଥିବା ମାନବଜାତିର ସମାନତା ସପକ୍ଷରେ ପ୍ରଚାର କରୁଥିବା, ବର୍ଣ୍ଣବ୍ୟବସ୍ଥା ବିରୁଦ୍ଧରେ ଜନଜାଗରଣ କରାଉଥିବା ଅପରାଧରେ । ତଥାପି ଭୀମଭୋଇ ବଜ୍ରକଣ୍ଠରେ ଘୋଷଣା କରିଥିଲେ- ''ଘଟରେ ବ୍ରହ୍ମକୁ ନଚିହ୍ନି/ବାହାରେ ଭ୍ରମୁଥାନ୍ତି ପ୍ରାଣୀ/ଚିତ୍ରପଟକୁ ନେତ୍ରେ ଦେଖି/ ମନ ଆନନ୍ଦେ ଭୋଇ ସୁଖୀ/ ଏଘଟେ ଜଗନ୍ନାଥ ଅଛି/ ପ୍ରତିମା ମିଛରେ ପୂଜୁଛି ।''

ନିଜେ ଦୀନ, ଦୁଃସ୍ଥ, ଦଳିତ, ସର୍ବହରା ହୋଇଥିଲେ ବି କ୍ରାନ୍ତିକାରୀ ପୁରୁଷ ସିଂହ ଭୀମ ଭୋଇ ନିଷ୍ପେସିତ ମଣିଷମାନଙ୍କ ପାଇଁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପରାଧୀନ ଓଡ଼ିଶାର ପଶ୍ଚିମାଞ୍ଚଳରେ/ଚିନ୍ତା ଚେତନାର ସ୍ୱାଧୀନତା ପାଇଁ ପ୍ରଥମ ଆଲୋକ ବର୍ତ୍ତିକା ପ୍ରଜ୍ୱଳିତ କରିଥିଲେ ଏହି ମହାନ୍ ପଙ୍‌କ୍ତିମାନଙ୍କ ମଧ୍ୟରେ - ''ଗୁରୁଙ୍କ ଅର୍ଜିଲା ମେଦିନୀରେ ଅଛୁଁ, ନାହିଁ କଲା ଅଧିକାର/ଆମ୍ଭ ମନ ହେଲେ ଆମ୍ଭେ ସୁଖେ ଯିବୁ/ଦିଶିବ ଯେଉଁ ବିଚାର ।'' ପୃଥିବୀ ପୃଷ୍ଠରେ କେହି ସତ୍ତ୍ୱାଧିକାରୀ ନାହିଁ ଏବଂ ସମସ୍ତେ ସ୍ୱବିଚାରଧାରା ଧାରଣ କରିବାକୁ ସ୍ୱାଧୀନ-ଅନ୍ଧକାରମୟ ଯୁଗର ଜ୍ଞାନ ଦିହୁଡିଧାରୀ କ୍ରାନ୍ତିଦ୍ରଷ୍ଟା କବି ଓ ଦାର୍ଶନିକ ଭୀମ ଭୋଇଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କେହି ଏପରି ଚିନ୍ତାଧାରା ବ୍ୟକ୍ତ କରିଛନ୍ତି କି ?

ଊନବିଂଶ ଶତାବ୍ଦୀର ସ୍ଥିତାବସ୍ଥାର ସମର୍ଥକ ରାୟବାହାଦୂରମାନେ ଆଧୁନିକତାର ଆଦ୍ୟ ପ୍ରବର୍ତ୍ତକ ବୋଲି ଏବର କତିପୟ ପ୍ରକ୍ରିୟାଶୀଳ ସଂଭ୍ରାନ୍ତମାନେ ଯେଉଁ ଅସ୍ଫୋଳନ କରୁଛନ୍ତି, ସେମାନେ କହନ୍ତୁ ତ, ଭୀମଭୋଇଙ୍କ ପରି ସେମାନଙ୍କର ଆଦର୍ଶ ସ୍ରଷ୍ଟାମାନେ ସେଇ ସମୟରେ ଏପରି ସାହସ ନିଜ ଲେଖନୀ ମାଧ୍ୟମରେ ପ୍ରଦର୍ଶନ କରି ପାରିଛନ୍ତି କି ? ସେଇଥିପାଇଁ ତ ଦଳିତର ତ୍ରାଣକର୍ତ୍ତା ଭୀମଭୋଇ ଘୋଷଣା କରିଛନ୍ତି– '' ମାୟାରେ ନପଡ ବେଦରେ ନବୁଡ/ ବୁଝ ବୁଝ ଭଲକରି/ଆପଣା ହେତୁରେ ଚେତାଇ ପାରିଲେ/କଳିରୁ ଯିବ ଉଦ୍ଧରି ।'' (ସ୍ତୁତି ଚିନ୍ତାମଣି, ଶତତମ ବୋଲେ)

ତତ୍କାଳୀନ ସମାଜରେ ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବ ପରି ପୁରୁଷ ଓ ନାରୀ ଜାତି ମଧ୍ୟରେ ବି ଥିଲା ବାଛବିଚାର । ନାରୀର ସମାଜର କୌଣସି ବିଭବରେ ନଥିଲା ଅଧିକାର । ମନୁସ୍ମୃତି ଅନୁସାରେ ନାରୀ ବିବାହ ପୂର୍ବରୁ ପିତାର ଅଧିନା, ବିବାହ ପରେ ପତିର ଅଧିନା ଏବଂ ବିଧବା ହେବାପରେ ପୁତ୍ରର ଅଧିନା । ସମ୍ପତ୍ତି କଥା ଛାଡନ୍ତୁ, କୌଣସି ବିଷୟରେ ତା'ର ନଥିଲା ଅଧିକାର । ସେତେବେଳେ ନାରୀମୁକ୍ତି କଥା ଅକଳ୍ପନୀୟ ଥିଲା । ପାଶ୍ଚାତ୍ୟ ଦେଶମାନଙ୍କରେ ମଧ ନାରୀ ସମ୍ପୂର୍ଣ୍ଣ ସ୍ୱାଧୀନ ନଥିଲା । ନାରୀ ସେବେ ଦଳିତ ଥିଲା ଓ ଏବେବି ଅନେକାଂଶରେ ଦଳିତ ହୋଇ ରହିଅଛି । ସେହି ନାରୀ ଜାତିର ମୁକ୍ତିର କଥା ଘୋଷଣା କରି ମହାକବି ଭୀମଭୋଇ ଗାଇ ଉଠିଛନ୍ତି– '' ନିନ୍ଦାଗର୍ବମାନ ନରହିବ ଟାଣ/ କରୁଥିବ ସମଭାବ/ପୁରୁଷକୁ ନାରୀ ଜ୍ଞାନ ଶିଖାଇଲେ/ସତ୍ୟଯୁଗ ଲେଉଟିବ ।''

ହେ ବିଜ୍ଞମାନେ ! ରାୟବାହାଦୂରମାନେ ନାରୀ ମୁକ୍ତି କଥା କେଉଁଠି କହିଛନ୍ତି କି ? ବରଂ ପିତା ଦ୍ୱାରା ପୁତ୍ରୀ ଧର୍ଷିତା ହୋଇ ଗର୍ଭବତୀ ହୋଇଥିବାର ବର୍ଣ୍ଣନା ନିଜ କାବ୍ୟରେ କରି, ଆମ ଜାତୀୟ ସ୍ୱାଭିମାନକୁ ଭୂଲୁଂଠିତ କରିବାରେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି ।

ଦଳିତର ତ୍ରାଣକର୍ତ୍ତା, ମହାନ୍ ମାନବବାଦୀ କ୍ରାନ୍ତିଦ୍ରଷ୍ଟା, ବିପ୍ଳବୀ ମହାକବି ଭୀମଭୋଇ ମାନବବାଦର ଜୟଗାନ କରି ପ୍ରଚଳିତ ଧର୍ମଧାରଣାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପୃଥିବୀର ସକଳମାନବ ଜାତିର ସମାନତାକୁ ଦୃଢ ଭାବେ ଉଦ୍‌ଘୋଷିତ କରି କହିଛନ୍ତି– '' ଧର୍ମ ପଛେ ନିନ୍ଦା ହେଉ/ଧରଣୀ ମଣ୍ଡଳ ରହୁ/ଶୂନ୍ୟ ଧରତୀ ଆକାଶ/ ଆକାଶ ଭାସି ନଯାଉ ।''

ସୁଧୀ ବୃନ୍ଦ ! ଆଧୁନିକତାର କିଏ ପ୍ରବର୍ତ୍ତକ ? କିଏ ମହାମାନବର ସାଗର ତୀରର ଦିଶା ନିର୍ଦ୍ଦେଶକ ?? ମହାକବି, ମହାବିପ୍ଳବୀ ଭୀମଭୋଇ ଦଳିତର ମହାଦାର୍ଶନିକ ଏବଂ ପରିତ୍ରାଣର ପଥ ପ୍ରଦର୍ଶକ, ଏଥିରେ ସନ୍ଦେହ ଅଛି ? ହାୟରେ ଦୁର୍ଭାଗା ଦେଶ, ହାୟରେ ଶୋଷଣବାଦୀ ସମାଜ ବ୍ୟବସ୍ଥା !! ହାୟରେ ସଂକୀର୍ଣ୍ଣ ଜାତିଆଣବାଦୀ ମଣିଷମାନେ !!! ଆଧୁନିକ ଓଡ଼ିଆ କାବ୍ୟଧାରାର ପ୍ରଥମ ଭୋଇଙ୍କୁ ସ୍ୱୀକାର କରିବାକୁ କୁଣ୍ଠିତ!!!

ହେଲେ ଆସନ୍ତାକାଲିର ସମାଜ ଭୀମଭୋଇଙ୍କୁ ଯୁଗଯୁଗ ପାଇଁ ମାନବ ଜାତିର ପରମ ଉଦ୍ଧାରକ, ଦାର୍ଶନିକ କବି ଭାବେ ନିଶ୍ଚୟ ସ୍ୱୀକାର କରିବ, ଏଥିରେ ସନ୍ଦେହ ନାହିଁ ଏବଂ ଏହା ମଧ ସନ୍ଦେହରୁ ଊର୍ଦ୍ଧ୍ୱରେ ଯେ, ଭୀମ ଭୋଇ ହିଁ ହେଉଛନ୍ତି ଆଧୁନିକ ଓଡ଼ିଆ କାବ୍ୟଧାରାର ପ୍ରଥମ ପ୍ରବର୍ତ୍ତକ ।

ଅମିନ୍ ହାଉସ୍, ଆଜମ୍‌ଖାନ ବଜାର,
କଟକ–୧

❖ ❖ ❖